ମୁଖ୍ୟ ସାଧାରଣ ପରିଚାଳକ, ଭାରତୀୟ ଷ୍ଟେଟ ବ୍ୟାଙ୍କ ଏବଂ ଅନ୍ୟଜଣେ

ବନାମ

ଶ୍ରୀ ବିଜୟ କୁମାର ମିଶ୍ର

ସେପ୍ଟେମ୍ବର 24,1997

[ମୁଖ୍ୟ ନ୍ୟାୟମୂର୍ତ୍ତି ଜେ. ଏସ୍. ବର୍ମା, ଏବଂ ନ୍ୟାୟମୂର୍ତ୍ତି ବି. ଏନ୍. କିରପାଲ୍ ]

*ସେବା ଆଇନ-ପର୍ଯ୍ୟବେକ୍ଷଣ ଅଧିକାରୀ -ସେବା ସମାପ୍ତି - ନିୟମ ଦ୍ୱାରା ନିର୍ଦ୍ଧାରିତ ପର୍ଯ୍ୟବେକ୍ଷଣର ସର୍ବାଧିକ ଅବଧି ବାହାରେ କୌଣସି ସ୍ପଷ୍ଟ ନିଶ୍ଚିତକରଣ ଆଦେଶ ବିନା ପର୍ଯ୍ୟବେକ୍ଷଣ ଅଧିକାରୀଙ୍କର ସେବା ଜାରି -ଏହା ବିବେଚିତ ନିଶ୍ଚିତକରଣରେ ପରିଣତ ହୁଏ କି- ନିର୍ଣ୍ଣୟ ନିଆଗଲା , ବିବେଚିତ ନିଶ୍ଚିତକରଣ କେବଳ ସେତେବେଳେ ଗ୍ରହଣୀୟ ଯେତେବେଳେ ଏହା ନିଯୁକ୍ତିଦାତାଙ୍କ ସକରାତ୍ମକ କାର୍ଯ୍ୟକୁ ଅନୁସରଣ କରେ ଯାହା ସର୍ବାଧିକ ପର୍ଯ୍ୟବେକ୍ଷଣ ଅବଧି ସମାପ୍ତ ହେବା ପରେ ମଧ୍ୟ କର୍ମଚାରୀଙ୍କୁ କାର୍ଯ୍ୟ କରିବାକୁ ଅନୁମତି ଦେଇଥାଏ-ପର୍ଯ୍ୟବେକ୍ଷଣ ଅଧିକାରୀ , ପର୍ଯ୍ୟବେକ୍ଷଣ ଅବଧି ସମୟରେ ଏବଂ ତା ପରେ ମଧ୍ୟ ଦୀର୍ଘ ସମୟ ପାଇଁ କର୍ତ୍ତବ୍ୟରୁ ଅନୁପସ୍ଥିତ ରୁହନ୍ତି - ନିଯୁକ୍ତିଦାତା-ବ୍ୟାଙ୍କ ପାଇଁ ତାଙ୍କର ପର୍ଯ୍ୟବେକ୍ଷଣ ଅବଧି ସମାପ୍ତ ହେବା ପରେ ତାଙ୍କୁ କାର୍ଯ୍ୟ ଜାରି ରଖିବାକୁ ଅନୁମତି ଦେବାର କୌଣସି ସୁଯୋଗ ନଥିଲା - ତେଣୁ, ତାଙ୍କ ସେବା ସମାପ୍ତି ବୈଧ ବୋଲି ଧରିନିଆଗଲା – ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ପଦାଧିକାରୀ (ସେବାର ନିୟମ ଏବଂ ସର୍ତ୍ତାବଳୀ ନିର୍ଦ୍ଧାରଣ) ଆଦେଶ 1979 ।*

**ଉତ୍ତରଦାତାଙ୍କୁ 24-10-1980 ରେ ଏକ ବ୍ୟାଙ୍କରେ ପର୍ଯ୍ୟବେକ୍ଷଣ ଅଧିକାରୀ ଭାବରେ ନିଯୁକ୍ତ କରାଗଲା । ସେ 15-12-1980 ରେ କାର୍ଯ୍ୟରେ ଯୋଗ ଦେଲେ ଏବଂ ତାଙ୍କର ପର୍ଯ୍ୟବେକ୍ଷଣ ଅବଧି ସେହି ତାରିଖଠାରୁ ଆରମ୍ଭ ହେଲା । ଉତ୍ତରଦାତା ଅନଧିକୃତ ଭାବରେ ଦୀର୍ଘ ସମୟ ଧରି 2-4-1981 ରୁ କାର୍ଯ୍ୟରୁ ଅନୁପସ୍ଥିତ ରହିଲେ ଏବଂ କାର୍ଯ୍ୟରେ ତାଙ୍କର ଉପସ୍ଥିତିର ଶେଷ ତାରିଖ ଅଗଷ୍ଟ 1983 ର ପ୍ରଥମ ସପ୍ତାହରେ ଥିଲା । ଏହାପରେ ସେ 1988 ମସିହା ପର୍ଯ୍ୟନ୍ତ ଅନୁପସ୍ଥିତ ରହିଲେ ।**

**ସେବା ନିୟମ ଅନୁଯାୟୀ ପର୍ଯ୍ୟବେକ୍ଷଣ ସର୍ବାଧିକ ଅବଧି ଥିଲା ତିନି ବର୍ଷ, ଯାହା ତାଙ୍କ କ୍ଷେତ୍ରରେ 14-12-1983 ରେ ସମାପ୍ତ ହୋଇଥିଲା, ଯେତେବେଳେ ସେ ସ୍ୱୀକାରଯୋଗ୍ୟଭାବେ**

କର୍ତ୍ତବ୍ୟରୁ ଅନୁପସ୍ଥିତ ଥିଲେ । **1984** ମସିହା ମେ ମାସରୁ **1988** ମସିହା ପର୍ଯ୍ୟନ୍ତ ସେ ବ୍ୟାଙ୍କ ସହିତ ଯୋଗାଯୋଗରେ ମଧ୍ୟ ନଥିଲେ । ତେଣୁ, **4-10-1988** ରେ, ବ୍ୟାଙ୍କ ତାଙ୍କ ସେବା ସମାପ୍ତ କରିବା ପାଇଁ ଏକ ଆଦେଶ ଜାରି କଲେ ।

ସମାପ୍ତି ଆଦେଶକୁ ଆପତ୍ତି କରି କରି ଉତ୍ତରଦାତା ଏକ ଆଜ୍ଞାଦେଶ ଆବେଦନ ଦାଖଲ କଲେ । ଉଚ୍ଚ ନ୍ୟାୟାଳୟ ଏହି ଆଧାରରେ ସମାପ୍ତି ଆଦେଶ ରଦ୍ଦ କରିଦେଲେ ଯେ ପର୍ଯ୍ୟବେକ୍ଷଣର ସର୍ବାଧିକ ଅନୁମୋଦିତ ଅବଧି ସମାପ୍ତ ହେବା ପରେ, ଉତ୍ତରଦାତାଙ୍କ ପଦବୀରେ ନିଶ୍ଚିତ ହୋଇଥିବା ବିବେଚନା କରାଗଲା । ତେଣୁ ଏହି ଆବେଦନ ।

ଆବେଦନକୁ ଅନୁମତି ଦେଇ, ଏହି ନ୍ୟାୟାଳୟ

ନିର୍ଣ୍ଣୟ ନେଲେ : **1.1** ବିବେଚିତ ନିଶ୍ଚିତକରଣକୁ ନିଯୁକ୍ତିଦାତାଙ୍କ ଆଚରଣରୁ ଅନୁମାନ କରାଯାଏ ଏବଂ ଏହା କେବଳ ସେତେବେଳେ ଅନୁମତିପ୍ରାପ୍ତ ଯେତେବେଳେ ଏହା ନିଯୁକ୍ତିଦାତାଙ୍କ ସକରାତ୍ମକ କାର୍ଯ୍ୟକଳାପକୁ ଅନୁସରଣ କରେ ଯାହା କର୍ମଚାରୀଙ୍କୁ ସେବା ନିୟମ ଅନୁଯାୟୀ ଅନୁମୋଦିତ ସର୍ବାଧିକ ପର୍ଯ୍ୟବେକ୍ଷଣ ଅବଧି ସମାପ୍ତ ହେବା ପରେ ମଧ୍ୟ ପଦବୀରେ କାର୍ଯ୍ୟ ଜାରି ରଖିବାକୁ ଅନୁମତି ଦେଇଥାଏ ।

*ପଞ୍ଜାବ ରାଜ୍ୟ ବନାମ ଧରମ ସିଂ, [1968] 3* **SCR 1**କୁ ବ୍ୟାଖ୍ୟା ଏବଂ ପୃଥକ କରାଗଲା ଏବଂ *ମହାନଗର ନିଗମ*, ରାୟପୁର ବନାମ ଅଶୋକ କୁମାର ମିଶ୍ର, **[1991] 3 SCC 325**କୁ ପ୍ରାଧାନ୍ୟ ଦିଆଗଲା ।

*ସମଶେର ସିଂହ ବନାମ ପଞ୍ଜାବ ରାଜ୍ୟ ଏବଂ ଅନ୍ୟଜଣେ, [1974] 2* **SCC 831,** ଉପରେ ନିର୍ଭର କରାଗଲା ।

*କେଦାର ନାଥ ବେହେଲ ବନାମ ପଞ୍ଜାବ ରାଜ୍ୟ* **[1974] SCC** 21; ଜୟ କିଶନ ବନାମ ପୋଲିସ ଆୟୁକ୍ତ ଏବଂ ଅନ୍ୟଜଣେ **[1995] Supp .** 3 **SCC 364** ଏବଂ ପଞ୍ଜାବ ରାଜ୍ୟ ବନାମ ବଲଦେବ ସିଂହ ଖୋସଲା, **[1996] 9 SCC 190,** କୁ ଉଲ୍ଲେଖ କରାଗଲା ।

**1.2.** ସର୍ବାଧିକ ପର୍ଯ୍ୟବେକ୍ଷଣ ଅବଧି ପରେ ନିଯୁକ୍ତିରେ ଜାରି ରଖିବା କେବଳ ନିଶ୍ଚିତକରଣ ସହିତ ଅନୁରୂପ, ଏବଂ ଏହା ନିଯୁକ୍ତିଦାତାଙ୍କ ଆଚରଣକୁ ଅନୁସରଣ କରେ ଯାହା

**କର୍ମଚାରୀଙ୍କୁ ସର୍ବାଧିକ ପର୍ଯ୍ୟବେକ୍ଷଣ ଅବଧି ପରେ ସେହି ପଦବୀରେ କାର୍ଯ୍ୟ ଜାରି ରଖିବାକୁ ଅନୁମତି ଦେଇଥାଏ । ବର୍ତ୍ତମାନର ମାମଲାରେ କର୍ମଚାରୀ ସର୍ବାଧିକ ପର୍ଯ୍ୟବେକ୍ଷଣ ଅବଧି ସମାପ୍ତ ହେବାର ବହୁ ପୂର୍ବରୁ ଏକ ତାରିଖ ଠାରୁ କର୍ତ୍ତବ୍ୟରୁ ଅନୁପସ୍ଥିତ ଥିଲେ ଏବଂ ତା 'ପରେ ମଧ୍ୟ ଦୀର୍ଘ ସମୟ ପାଇଁ ଅନୁପସ୍ଥିତ ରହିଥିଲେ । ନିଯୁକ୍ତିଦାତାଙ୍କ ପକ୍ଷରେ ପର୍ଯ୍ୟବେକ୍ଷଣର ସର୍ବାଧିକ ଅବଧି ସମାପ୍ତ ହେବା ପରେ କର୍ମଚାରୀ/ଉତ୍ତରଦାତାଙ୍କୁ ପଦବୀରେ କାର୍ଯ୍ୟ ଜାରି ରଖିବାକୁ ଅନୁମତି ଦେବା ପାଇଁ କୌଣସି ସୁଯୋଗ ନଥିଲା କାରଣ ସେ ଅନୁପସ୍ଥିତ ଥିଲେ ଏବଂ ଅବଧି ସମାପ୍ତ ହେବା ସମୟରେ ପଦବୀରେ ମଧ୍ୟ କାର୍ଯ୍ୟ କରୁନଥିଲେ । ଉତ୍ତରଦାତାଙ୍କୁ ସେବାରେ ରହିବାକୁ ଅନୁମତି ଦେବାପାଇଁ ନିଯୁକ୍ତିଦାତାଙ୍କର ଏପରି କୌଣସି ଆଚରଣ ନଥିଲା, ତେଣୁ ଏହିପରି ବିବେଚିତ ନିଶ୍ଚିତକରଣର ତର୍କ ପାଇଁ କୌଣସି ଆଧାର ନାହିଁ।**

ଦେୱାନୀ ଆବେଦନ ଅଧିକାରିତା : ଦେୱାନୀ ଆବେଦନ ସଂଖ୍ୟା 2633/1992

1988 ର O.J.C ସଂଖ୍ୟା 4075 ରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କ ର 19.11.91 ର ରାୟ ଏବଂ ଆଦେଶରୁ ।

ଆବେଦନକାରୀମାନଙ୍କ ପାଇଁ ଏଚ୍. ଏନ୍. ସାଲଭେ, ସଞ୍ଜୟ କପୁର, ରାଜୀବ କପୁର, ନିଖିଲ ସଖାରଦାଣ୍ଡେ ଏବଂ ଏମ୍. କେ. ମାଇକେଲ୍ ।

ଉତ୍ତରଦାତାଙ୍କ ପାଇଁ କେ. କେ. ଭେନୁଗୋପାଳ, ସଞ୍ଜୟ ମୋନି ତ୍ରିପାଠୀ ଏବଂ ସୁଶ୍ରୀ ରାଣୀ ଜେଠମଲାନୀ ।

ନ୍ୟାୟାଳୟଙ୍କର ରାୟ ପ୍ରଦାନ କରାଗଲା

**ଭାରତର ମୁଖ୍ୟ ନ୍ୟାୟମୂର୍ତ୍ତି** ବର୍ମାଙ୍କ ଦ୍ୱାରା . ଉତ୍ତରଦାତା, ବିଜୟ କୁମାର ମିଶ୍ରଙ୍କୁ ଭାରତୀୟ ଷ୍ଟେଟ ବ୍ୟାଙ୍କରେ ପର୍ଯ୍ୟବେକ୍ଷଣ ଅଧିକାରୀ ଭାବେ ନିଯୁକ୍ତ କରାଗଲା ଏବଂ 24.10.1980 ତାରିଖର ଏକ ଆଦେଶ ଅନୁସାରେ ଭୁବନେଶ୍ୱର ଖଣ୍ଡର ଝାରସୁଗୁଡ଼ା ଶାଖାରେ ନିଯୁକ୍ତି ଦିଆଗଲା । ଉତ୍ତରଦାତା 15.12.1980 ରେ କାର୍ଯ୍ୟରେ ଯୋଗ ଦେଲେ ଏବଂ ସେହି ତାରିଖଠାରୁ ତାଙ୍କର ପର୍ଯ୍ୟବେକ୍ଷଣ ଅବଧି ଆରମ୍ଭ ହେଲା । ଉତ୍ତରଦାତା ଦୀର୍ଘ ସମୟ ଧରି 2.4.1981 ରୁ କାର୍ଯ୍ୟରୁ ଅନଧିକୃତ ଭାବରେ ଅନୁପସ୍ଥିତ ରହିଲେ ଏବଂ କାର୍ଯ୍ୟରେ ତାଙ୍କର ଉପସ୍ଥିତିର ଶେଷ ତାରିଖ ଅଗଷ୍ଟ

1983 ର ପ୍ରଥମ ସପ୍ତାହରେ ଥିଲା । ଏହାପରେ ସେ 1988 ମସିହା ପର୍ଯ୍ୟନ୍ତ ଅନୁପସ୍ଥିତ ରହିଲେ । ସେବା ନିୟମ ଅନୁଯାୟୀ ପର୍ଯ୍ୟବେକ୍ଷଣର ସର୍ବାଧିକ ଅନୁମୋଦିତ ଅବଧି ଥିଲା ତିନି ବର୍ଷ ଯାହା ତାଙ୍କ କ୍ଷେତ୍ରରେ 14.12.1983 ରେ ସମାପ୍ତ ହେଲା, ଯେତେବେଳେ ସେ ସ୍ୱୀକାରଯୋଗ୍ୟ ଭାବେ କର୍ତ୍ତବ୍ୟରୁ ଅନୁପସ୍ଥିତ ରହିଥିଲେ । 1984 ମସିହା ମେ ମାସରୁ 1988 ମସିହା ପର୍ଯ୍ୟନ୍ତ ସେ ବ୍ୟାଙ୍କ ସହ ଯୋଗାଯୋଗରେ ମଧ୍ୟ ନଥିଲେ । ଉତ୍ତରଦାତା 26.5.1984 ରେ ଏକ ଡାକ୍ତରୀ ପ୍ରମାଣପତ୍ର ଦାଖଲ କରିଥିଲେ ଯେ ସେ 6.2.1984 ରୁ 26.5.1984 ପର୍ଯ୍ୟନ୍ତ ଭାଇରାଲ ସଂକ୍ରମଣରେ ପୀଡିତ ଥିଲେ ଏବଂ ତାଙ୍କ ପ୍ରମାଣପତ୍ର ଦାଖଲ ତାରିଖରେ ସେ ତାଙ୍କ କାର୍ଯ୍ୟକୁ ପୁନର୍ବାର ଆରମ୍ଭ କରିବାକୁ ସୁସ୍ଥ ଥିଲେ । ତାହା ସତ୍ତ୍ୱେ ସେ କାର୍ଯ୍ୟରେ ଯୋଗ ଦେଲେ ନାହିଁ । ଉତ୍ତରଦାତା ବିନା ଅନୁମତିରେ ଚଣ୍ଡୀଗଡ଼ସ୍ଥିତ ପଞ୍ଜାବ ବିଶ୍ୱବିଦ୍ୟାଳୟରେ 1986-87 ରେ ଏମ୍. ଫିଲ୍ ପାଠ୍ୟକ୍ରମରେ ଯୋଗ ଦେଲେ । ଏହି ପରିସ୍ଥିତିରେ, ବ୍ୟାଙ୍କ ତାଙ୍କ ସେବାକୁ ସମାପ୍ତ କରିବା ପାଇଁ 4.10.1988 ତାରିଖରେ ଏକ ଆଦେଶ ଜାରି କଲେ ।

ଏହି ସେବା ସମାପ୍ତି ଆଦେଶକୁ ଆପତ୍ତି କରି କରି ଉତ୍ତରଦାତା ଓଡ଼ିଶା ଉଚ୍ଚ ନ୍ୟାୟାଳୟ ରେ ଭାରତୀୟ ସମ୍ବିଧାନର ଧାରା 226 ଅନୁଯାୟୀ ଏକ ଆଜ୍ଞାଦେଶ ଆବେଦନ ଦାଖଲ କଲେ । ଉଚ୍ଚ ନ୍ୟାୟାଳୟ ମତ ଦେଇଛନ୍ତି ଯେ ଏହା ଅନୁମାନ କରାଯିବ ଯେ ଉପଯୁକ୍ତ କର୍ତ୍ତୃପକ୍ଷ 24.10.1983 ପରେ ଆବେଦନକାରୀଙ୍କୁ ନିଶ୍ଚିତ କରିଛନ୍ତି କାରଣ ପ୍ରାସଙ୍ଗିକ ସେବା ନିୟମର ଅନୁଚ୍ଛେଦ 16 (3) ଦ୍ୱାରା କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ । ସଂକ୍ଷେପରେ, ଉଚ୍ଚ ନ୍ୟାୟାଳୟ ନିର୍ଣ୍ଣୟ ନେଲେ ଯେ ପର୍ଯ୍ୟବେକ୍ଷଣର ସର୍ବାଧିକ ଅନୁମୋଦିତ ଅବଧି ସମାପ୍ତ ହେବା ପରେ, ଉତ୍ତରଦାତାଙ୍କୁ ପଦବୀରେ ନିଶ୍ଚିତବୋଲି ବିବେଚନା କରାଗଲା । ଏହି ଆଧାରରେ, 19.11.1991 ତାରିଖର ଆକ୍ଷେପିତ ଆଦେଶ ଦ୍ୱାରା, 4.10.1988 ତାରିଖର ସମାପ୍ତି ଆଦେଶକୁ ରଦ୍ଦ କରିଦିଆଯାଇଛି ଏବଂ ଆବେଦନକାରୀଙ୍କ ବିରୁଦ୍ଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବ୍ୟାଙ୍କକୁ ଅନୁମତି ସହିତ ସମସ୍ତ ଆନୁସଙ୍ଗିକ ସୁବିଧା ସହିତ ଉତ୍ତରଦାତାଙ୍କୁ ସେବାରେ ପୁନଃସ୍ଥାପିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ତେଣୁ ସ୍ୱତନ୍ତ୍ର ଅନୁମତି ଦ୍ୱାରା ଏହି ଆବେଦନ ।

ବିଚାର ପାଇଁ ଏକମାତ୍ର ପ୍ରଶ୍ନ ହେଉଛି ମାମଲାର ତଥ୍ୟ ଏବଂ ପରିସ୍ଥିତିରେ, ଉତ୍ତରଦାତାଙ୍କୁ ପ୍ରାସଙ୍ଗିକ ସେବା ନିୟମ ଅନୁଯାୟୀ କର୍ତ୍ତବ୍ୟରୁ ଅନଧିକୃତ ଅନୁପସ୍ଥିତି ସମୟରେ କୌଣସି ନିର୍ଦ୍ଦିଷ୍ଟ ଆଦେଶ ବିନା ନିଶ୍ଚିତ ରୂପେ ବିବେଚନା କରାଯାଇପାରିବ କି ? ପ୍ରାସଙ୍ଗିକ ବ୍ୟବସ୍ଥାଗୁଡ଼ିକ ହେଉଛି

ଭାରତୀୟ ଷ୍ଟେଟ ବ୍ୟାଙ୍କ  ପଦଧିକାରୀ (ନିୟମ ଏବଂ ସେବା ସର୍ତ୍ତାବଳୀ ନିର୍ଣ୍ଣୟ) ଆଦେଶ 1979 ର ଅନୁଚ୍ଛେଦ 15 ଏବଂ 16, ଯାହା ନିମ୍ନରେ ଦିଆଯାଇଛି :

" ପର୍ଯ୍ୟବେକ୍ଷଣ

**15 ( 1)** ଜଣେ ପର୍ଯ୍ୟବେକ୍ଷଣ ଅଧିକାରୀ  କିମ୍ବା ତାଲିମପ୍ରାପ୍ତ ଅଧିକାରୀ  ଭାବେ ନିଯୁକ୍ତ ବ୍ୟକ୍ତି ଦୁଇ ବର୍ଷ ପାଇଁ ପର୍ଯ୍ୟବେକ୍ଷଣରେ ରହିବେ ।

**( 2)** କନିଷ୍ଠ ପରିଚାଳନା ବର୍ଗର  ଅଧିକାରୀ ଭାବେ ପଦୋନ୍ନତି ପାଇଥିବା ବ୍ୟାଙ୍କର ଅନ୍ୟ କୌଣସି କର୍ମଚାରୀ ଏକ ବର୍ଷର ଅବଧି ପାଇଁ ପର୍ଯ୍ୟବେକ୍ଷଣରେ ରହିବେ ।

**( 3)** କନିଷ୍ଠ ପରିଚାଳନା ବର୍ଗ  ସମେତ ଯେକୌଣସି ବର୍ଗରେ  ନିଯୁକ୍ତ ଅନ୍ୟ କୌଣସି ବ୍ୟକ୍ତି ସକ୍ଷମ କର୍ତ୍ତୃପକ୍ଷଙ୍କ ଦ୍ୱାରା ସ୍ଥିର କରାଯାଇଥିବା ଅବଧି ପାଇଁ ପର୍ଯ୍ୟବେକ୍ଷଣରେ ରହିବେ ।

ଉଲ୍ଲେଖଥାଉକି, ଉପଯୁକ୍ତ କର୍ତ୍ତୃପକ୍ଷ, କୌଣସି ଅଧିକାରୀଙ୍କ କ୍ଷେତ୍ରରେ, ପର୍ଯ୍ୟବେକ୍ଷଣ ଅବଧିକୁ ହ୍ରାସ କରିପାରିବେ କିମ୍ବା ପରିହାର  କରିପାରିବେ ।

" ନିଶ୍ଚିତକରଣ

**16 (1)** ଅନୁଚ୍ଛେଦ 15 ରେ ସୂଚିତଥିବା ଭଳି ଜଣେ ଅଧିକାରୀ ବ୍ୟାଙ୍କର ସେବାରେ ନିଶ୍ଚିତ ହେବେ, ଯଦି ସେହି ଅଧିକାରୀ  ସନ୍ତୋଷଜନକ ଭାବରେ ସକ୍ଷମ କର୍ତ୍ତୃପକ୍ଷଙ୍କ ମତରେ କୌଣସି ଅନୁଷ୍ଠାନରେ ତାଲିମ ସମାପ୍ତ କରିଛନ୍ତି ଯେଉଁଥିରେ ଅଧିକାରୀ ଜଣକ ତାଲିମ ପାଇଁ ପ୍ରତିନିଧିତ୍ୱ କରିଥାଇପାରନ୍ତି, ଏବଂ ସେହି ବ୍ୟାଙ୍କରେ ସେବଧୀନ ତାଲିମ ପାଇଥାନ୍ତି  ।

ଉଲ୍ଲେଖଥାଉକି, କନିଷ୍ଠ ପରିଚାଳନା ବର୍ଗକୁ ସିଧାସଳଖ ନିଯୁକ୍ତି ପାଇଥିବା ଜଣେ ଅଧିକାରୀଙ୍କୁ ମଧ୍ୟ ନିଜ ମାତୃଭାଷା ବ୍ୟତୀତ ଅନ୍ୟ କୌଣସି ଭାଷାରେ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାକୁ ପଡ଼ିପାରେ ।

**(2) ଯଦି,** ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ମତରେ, ଜଣେ ଅଧିକାରୀ ଉପ-ଅନୁଚ୍ଛେଦ (1) ରେ ସୂଚିତ ତାଲିମ କିମ୍ବା ଉଭୟକୁ ସନ୍ତୋଷଜନକ ଭାବରେ ସମାପ୍ତ କରିନାହାଁନ୍ତି କିମ୍ବା ଯଦି ଅଧିକାରୀ ସେଥିରେ ସୂଚିତ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇନାହାନ୍ତି କିମ୍ବା ଜଣେ ଅଧିକାରୀଙ୍କ ସେବା ସନ୍ତୋଷଜନକ ନୁହେଁ, ତେବେ ଅଧିକାରୀଙ୍କ ପର୍ଯ୍ୟବେକ୍ଷଣ ଅବଧି ଆଉ ଗୋଟିଏ ବର୍ଷରୁ ଅଧିକ ହୋଇପାରିବ ନାହିଁ ।

ସି. ଜି.ଏମ.ଏସ.ବି.ଆଇ. ବନାମ ବି.କେ. ମିଶ୍ର [ମୁଖ୍ୟ ନ୍ୟାୟମୂର୍ତ୍ତି ଜେ. ଏସ୍. ବର୍ମା]

**(3**) ଯେଉଁଠାରେ ଯଦି କିଛି ସମ୍ପ୍ରସାରଣ ଅବଧି ସମେତ ପର୍ଯ୍ୟବେକ୍ଷଣ ଅବଧି ଥାଏ, ସେଠାରେ ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ମତ ହେଉଛି ଯେ ଅଧିକାରୀ ନିଶ୍ଚିତକରଣ ପାଇଁ ଉପଯୁକ୍ତ ନୁହଁନ୍ତି :

(a) ପ୍ରତ୍ୟକ୍ଷ ନିଯୁକ୍ତ ବ୍ୟକ୍ତିଙ୍କ କ୍ଷେତ୍ରରେ, ତାଙ୍କ ସେବା ଏକ ମାସର ବିଜ୍ଞପ୍ତି କିମ୍ବା ତା 'ବଦଳରେ ଏକ ମାସର ପାରିଶ୍ରମିକ ପ୍ରଦାନ ଦ୍ୱାରା ସମାପ୍ତ ହୋଇପାରେ; ଏବଂ

(b) ବ୍ୟାଙ୍କର ଚାକିରିରୁ ଜଣେ ପଦୋନ୍ନତିପ୍ରାପ୍ତ ବ୍ୟକ୍ତିଙ୍କ କ୍ଷେତ୍ରରେ, ତାଙ୍କୁ ସେହି ବର୍ଗ କିମ୍ବା ଶ୍ରେଣୀକୁ ପ୍ରତ୍ୟାବର୍ତ୍ତନ କରାଯାଇପାରେ ଯେଉଁଠାରୁ ତାଙ୍କୁ ପଦୋନ୍ନତି ଦିଆଯାଇଥିଲା ।

ଉତ୍ତରଦାତା ସିଧାସଳଖ ପର୍ଯ୍ୟବେକ୍ଷଣ ଅଧିକାରୀ ଭାବରେ ନିଯୁକ୍ତ ହୋଇଥିବାରୁ, ଅନୁଚ୍ଛେଦ 15 ର ଉପ-ଅନୁଚ୍ଛେଦ (1) ଅନୁଯାୟୀ ତାଙ୍କ ପର୍ଯ୍ୟବେକ୍ଷଣ ଅବଧି ଦୁଇ ବର୍ଷ ଥିଲା । ଅନୁଚ୍ଛେଦ 16 ରେ ନିଶ୍ଚିତକରଣର ବ୍ୟବସ୍ଥା କରାଯାଇଛି । ଅନୁଚ୍ଛେଦ 16 ର ଉପ-ଅନୁଚ୍ଛେଦ (1) ରେ ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ସନ୍ତୋଷ ଏବଂ ବ୍ୟାଙ୍କର ସେବାରେ ନିଶ୍ଚିତ ହେବା ପାଇଁ ନିର୍ଦ୍ଦିଷ୍ଟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ଆବଶ୍ୟକତାର ବ୍ୟବସ୍ଥା ରଖାଯାଇଛି । ଅନୁଚ୍ଛେଦ 16 ର ଉପ-ଅନୁଚ୍ଛେଦ (2) ରେ ଅଧିକାରୀଙ୍କ ପର୍ଯ୍ୟବେକ୍ଷଣକୁ ଆଉ ଏକ ବର୍ଷ ଅଧିକ ବୃଦ୍ଧି କରିବାର ବ୍ୟବସ୍ଥା ରହିଛି, କିନ୍ତୁ ତା ଠାରୁ ଅଧିକ ନୁହେଁ । ଯଦି ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ମତରେ, ଅଧିକାରୀ ଆବଶ୍ୟକତାକୁ ପୂରଣ କରନ୍ତି ନାହିଁ, ତେବେ ତାଙ୍କୁ ନିଶ୍ଚିତ କରାଯାଇପାରିବ ନାହିଁ । ଅନୁଚ୍ଛେଦ 16 (2), ଅନୁଚ୍ଛେଦ 15 (1) ସହିତ ପଠନ ଅନୁଯାୟୀ ପର୍ଯ୍ୟବେକ୍ଷଣର ସର୍ବାଧିକ ଅବଧି 2 + 1 ବର୍ଷ, ଅର୍ଥାତ୍ 3 ବର୍ଷରୁ ଅଧିକ ହୋଇପାରିବ ନାହିଁ । ଉପ-ଅନୁଚ୍ଛେଦ (3)ରେ ଜଣେ ପ୍ରତ୍ୟକ୍ଷ ନିଯୁକ୍ତ ବ୍ୟକ୍ତିଙ୍କ ଚାକିରିକୁ ପର୍ଯ୍ୟବେକ୍ଷଣର ଅବଧି ମଧ୍ୟରେ ଏକ ମାସର ବିଜ୍ଞପ୍ତି କିମ୍ବା ତା 'ବଦଳରେ ଏକ ମାସର ପାରିଶ୍ରମିକ ପ୍ରଦାନ ଦ୍ୱାରା ସମାପ୍ତ କରିବା ଏବଂ ଜଣେ ପଦୋନ୍ନତିପ୍ରାପ୍ତ ବ୍ୟକ୍ତିଙ୍କ କ୍ଷେତ୍ରରେ, ତାଙ୍କୁ ଯେଉଁ ବର୍ଗ କିମ୍ବା ଶ୍ରେଣୀରୁ ପଦୋନ୍ନତି ଦିଆଯାଇଥିଲା, ତାହାକୁ ପ୍ରତ୍ୟାବର୍ତ୍ତନ କରିବାର ବ୍ୟବସ୍ଥା ରହିଛି । ତେଣୁ ଅନୁଚ୍ଛେଦ 15 ଏବଂ 16 ବିଶେଷ କରି ଅନୁଚ୍ଛେଦ 15 ର ଉପ-ଅନୁଚ୍ଛେଦ (1) ଏବଂ ଅନୁଚ୍ଛେଦ 16 ର ଉପ-ଅନୁଚ୍ଛେଦ (2) ର ମିଳିତ ପ୍ରଭାବ ହେଉଛି ଯେ ପ୍ରତ୍ୟକ୍ଷ ନିଯୁକ୍ତ ବ୍ୟକ୍ତିଙ୍କ ମୋଟ ପର୍ଯ୍ୟବେକ୍ଷଣର ଅବଧି ତିନି ବର୍ଷରୁ ଅଧିକ ହୋଇପାରିବ ନାହିଁ।

ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ସ୍ୱୀକାର କରାଯାଇଥିବା ଉତ୍ତରଦାତାଙ୍କ ଯୁକ୍ତି ହେଉଛି ଯେ 14.12.1983 ରେ ତିନି ବର୍ଷର ଅବଧି ସମାପ୍ତ ହେବା ପରେ, ସେହି ତାରିଖ ପୂର୍ବରୁ ସମାପ୍ତି

ଆଦେଶ ଜାରି କରାଯିବାର ଅନୁପସ୍ଥିତିରେ, ଉତ୍ତରଦାତା  ନିଶ୍ଚିତ ହୋଇଥିବା ବିବେଚନା କରାଯାଏ । ପ୍ରଶ୍ନ ହେଉଛି, ଏହି ବ୍ୟବସ୍ଥାଗୁଡ଼ିକର ଏହା ସଠିକ୍ ପଠନ କି ?

ଏହି ନ୍ୟାୟାଳୟଙ୍କର ପୂର୍ବ ନିର୍ଣ୍ଣୟ ଆଧାରରେ ନିର୍ଣ୍ଣୟ ପ୍ରସଙ୍ଗର ଉତ୍ତର ଦେବାକୁ ପଡ଼ିବ । ଉଚ୍ଚ ନ୍ୟାୟାଳୟ ତାଙ୍କର ସିଦ୍ଧାନ୍ତକୁ ସମର୍ଥନ କରିବା ପାଇଁ  *ପଞ୍ଜାବ ରାଜ୍ୟ ବନାମ ଧରମ ସିଂହ*, [1968] 3 SCR 1 ପୃଷ୍ଠା 4 ମାମଲାରେ ଥିବା ଏହି ନ୍ୟାୟାଳୟଙ୍କର ନିର୍ଣ୍ଣୟଉପରେ  ନିର୍ଭର କରିଛନ୍ତି ।  ଆମେ ବର୍ତ୍ତମାନ ଦର୍ଶାଇବୁ ଯେ *ଧରମ ସିଂହଙ୍କର ମାମଲା*  ସମେତ ଏହି ନ୍ୟାୟାଳୟଙ୍କର ନିର୍ଣ୍ଣୟର ଏହା ସଠିକ୍ ପଠନ ନୁହେଁ ।

*ଧରମ ସିଂହଙ୍କ ମାମଲାରେ* ସାମ୍ବିଧାନିକ ବିଚାରପୀଠ ନିମ୍ନମତେ  ନିର୍ଣ୍ଣୟ ନେଲେ :

" ଏହି ନ୍ୟାୟାଳୟ  କ୍ରମାଗତ ଭାବରେ ନିର୍ଣ୍ଣୟ ନେଇଛନ୍ତି ଯେ ଯେତେବେଳେ ଏକ ନିର୍ଦ୍ଦିଷ୍ଟ ଅବଧି ପାଇଁ ପର୍ଯ୍ୟବେକ୍ଷଣରେ ପ୍ରଥମ ନିଯୁକ୍ତି କିମ୍ବା ପଦୋନ୍ନତି କରାଯାଏ ଏବଂ କର୍ମଚାରୀଙ୍କୁ ନିଶ୍ଚିତକରଣର କୌଣସି ନିର୍ଦ୍ଦିଷ୍ଟ ଆଦେଶ ବିନା ଅବଧି ସମାପ୍ତ ହେବା ପରେ ପଦବୀରେ ରହିବାକୁ ଅନୁମତି ଦିଆଯାଏ, ସେତେବେଳେ ତାଙ୍କୁ ନିଯୁକ୍ତି କିମ୍ବା ପଦୋନ୍ନତିର ମୂଳ କ୍ରମରେ କିମ୍ବା ସେବା ନିୟମରେ ଏହାର ବିପରୀତରେ  କୌଣସି ସଙ୍କେତ ନ ଥିଲେ, କେବଳ ଜଣେ ପର୍ଯ୍ୟବେକ୍ଷଣ ଅଧିକାରୀ ଭାବରେ ତାଙ୍କ ପଦବୀରେ କାର୍ଯ୍ୟରତ ରହିବା ଉଚିତ ବୋଲି ବିବେଚନା କରାଯାଏ  । ଏପରି କ୍ଷେତ୍ରରେ, କର୍ମଚାରୀକୁ ପଦବୀ ଉପରେ ଏକ ଅଧୀସ୍ଥାୟୀ ଅଧିକାର ଦେବା ପାଇଁ ନିଶ୍ଚିତକରଣର ଏକ ସ୍ୱଷ୍ଟ ଆଦେଶ ଆବଶ୍ୟକ, ଏବଂ କେବଳ ଏହି ତଥ୍ୟରୁ ଯେ ତାଙ୍କୁ ନିର୍ଦ୍ଦିଷ୍ଟ ପର୍ଯ୍ୟବେକ୍ଷଣ  ଅବଧି ସମାପ୍ତ ହେବା ପରେ ପଦବୀରେ ରହିବାକୁ ଅନୁମତି ଦିଆଯାଇଛି, ଏହା ସ୍ଥିର କରିବା ସମ୍ଭବ ନୁହେଁ ଯେ ତାଙ୍କୁ ନିଶ୍ଚିତ କରାଯାଇଛି ବୋଲି ବିବେଚନା କରାଯିବା ଉଚିତ ।... ଏହି ସମସ୍ତ କ୍ଷେତ୍ରରେ, କର୍ମଚାରୀଙ୍କ ସେବା ସର୍ତ୍ତାବଳୀ ଏକ ଅନିର୍ଦ୍ଦିଷ୍ଟ ସମୟ ପାଇଁ ପର୍ଯ୍ୟବେକ୍ଷଣ ଅବଧିକୁ ବୃଦ୍ଧି କରିବାକୁ ଅନୁମତି ଦେଲା ଏବଂ ଏକ ନିର୍ଦ୍ଦିଷ୍ଟ ସର୍ବାଧିକ ଅବଧି ବାହାରେ ଏହାର ସମ୍ପ୍ରସାରଣକୁ ନିଷେଧ କରୁଥିବା କୌଣସି ସେବା ନିୟମ ନଥିଲା ।

XXX        XXX        XXX        XXX

ବର୍ତ୍ତମାନର ମାମଲାରେ, ନିୟମ 6 (3) ପର୍ଯ୍ୟବେକ୍ଷଣ ଅବଧିକୁ ତିନି ବର୍ଷରୁ ଅଧିକ ବୃଦ୍ଧି କରିବାକୁ ନିଷେଧ କରେ । ଯେଉଁଠାରେ କି , ବର୍ତ୍ତମାନର ମାମଲାରେ ସେବା ନିୟମାବଳୀ ଗୋଟିଏ ନିର୍ଦ୍ଦିଷ୍ଟ ଅବଧି ନିର୍ଦ୍ଧାରଣ କରେ ଯାହା ପରେ ପର୍ଯ୍ୟବେକ୍ଷଣ ଅବଧିକୁ ବୃଦ୍ଧି କରାଯାଇପାରିବ ନାହିଁ *ଏବଂ ଜଣେ କର୍ମଚାରୀ ନିଯୁକ୍ତି ପାଇ କିମ୍ବା ପର୍ଯ୍ୟବେକ୍ଷଣ ପଦବୀକୁ ପଦୋନ୍ନତି ପାଇ ପର୍ଯ୍ୟବେକ୍ଷଣ ର ସର୍ବାଧିକ ଅବଧି ପୂରଣ କରିବା ପରେ ଏକ ସୁନିଶ୍ଚିତ ଆଦେଶ ବିନା*, ତାଙ୍କୁ ସେହି ପଦବୀ ରହିବାକୁ ଅନୁମତି ଦିଆଯାଏ , ତେବେ ସେ ଇଙ୍ଗିତରେ ପର୍ଯ୍ୟବେକ୍ଷଣ ଅଧିକାରୀ ଭାବେ ସେହି ପଦବୀରେ ରହିବେ ବୋଲି ବିବେଚନା କରାଯାଇପାରିବ ନାହିଁ । ଏହାର କାରଣ ହେଉଛି ସେବା ନିୟମ ଦ୍ୱାରା ଏପରି ଏକ ଆଭାସକୁ ଅସ୍ୱୀକାର କରାଯାଇଛି ଯାହା ଏହା ଦ୍ୱାରା ନିର୍ଦ୍ଧାରିତ ସର୍ବାଧିକ ଅବଧି ବାହାରେ ପର୍ଯ୍ୟବେକ୍ଷଣ ଅବଧିକୁ ବୃଦ୍ଧି କରିବାକୁ ନିଷେଧ କରେ ।

*ଏପରି ପରିସ୍ଥିତିରେ, ଏହା ଅନୁମାନ କରିବା ଯୋଗ୍ୟ ଯେ ସର୍ବାଧିକ ପର୍ଯ୍ୟବେକ୍ଷଣ ଅବଧି ସମାପ୍ତ ହେବା ପରେ ପଦବୀରେ ରହିବାକୁ ଅନୁମତି ଦିଆଯାଇଥିବା କର୍ମଚାରୀଙ୍କୁ ପଦବୀରେ ନିଶ୍ଚିତ କରାଯାଇଛି ।*

(ଗୁରୁତ୍ୱ ପ୍ରଦାନ କରାଗଲା)

ଉପରୋକ୍ତରେ ଉଦ୍ଧୃତ ହୋଇଥିବା ଶେଷ ଉଦ୍ଧୃତାଂଶ, ଯାହା ଉପରେ ଉଚ୍ଚ ନ୍ୟାୟାଳୟ ନିର୍ଭରଶୀଳ ଥିଲେ ଏବଂ ଯାହା ଉପରେ ଉତ୍ତରଦାତାଙ୍କ ପାଇଁ ବିଦ୍ୱାନ ଅଧିବକ୍ତା ଶ୍ରୀ କେ. କେ. ଭେନୁଗୋପାଳ, ଗୁରୁତ୍ୱାରୋପ କରିଥିଲେ, ତାହାକୁ ଏହି ସନ୍ଦର୍ଭରେ ପଢ଼ିବାକୁ ହେବ ଏବଂ ସେଥିରୁ ପୃଥକ ହେବାକୁ ପଡ଼ିବ ନାହିଁ । ବାସ୍ତବରେ, *ଧରମ ସିଂହ ମାମଲାରେ ନିର୍ଣ୍ଣୟ ନିଆଗଲା* ଯେ ଯେଉଁଠାରେ ସେବା ନିୟମାବଳୀ ଏକ ନିର୍ଦ୍ଦିଷ୍ଟ ଅବଧି ପରେ ପର୍ଯ୍ୟବେକ୍ଷଣ ଅଧିକାରୀ ଭାବେ ସେବାରେ ରହିବାକୁ ଅନୁମତି ଦେଇଥାଏ, ସେଠାରେ କର୍ମଚାରୀଙ୍କୁ ପଦବୀରେ ରହିବାର ଏକ ପ୍ରକୃତ ଅଧିକାର ଦେବା ପାଇଁ ଏକ ସ୍ପଷ୍ଟ ଆଦେଶର ଆବଶ୍ୟକତା ରହିଛି, ଏବଂ କେବଳ ଏହା ସତ୍ୟ ଯେ ତାଙ୍କୁ ନିର୍ଦ୍ଦିଷ୍ଟ ପର୍ଯ୍ୟବେକ୍ଷଣ ଅବଧି ପରେ ପଦବୀରେ ରହିବାକୁ ଅନୁମତି ଦିଆଯାଇଛି, ଏହା କେବଳ ଧରିନିଆଯିବା ପାଇଁ ଯଥେଷ୍ଟ ନୁହେଁ ଯେ ତାଙ୍କୁ ସୁନିଶ୍ଚିତ ବୋଲି ବିବେଚନା କରାଯିବା ଉଚିତ; କିନ୍ତୁ ଯେଉଁଠାରେ ସେବା ନିୟମରେ ସର୍ବାଧିକ ପର୍ଯ୍ୟବେକ୍ଷଣ ଅବଧି ପାଇଁ ବ୍ୟବସ୍ଥା ରଖାଯାଇଛି ଏବଂ କର୍ମଚାରୀଙ୍କୁ ନିଶ୍ଚିତକରଣର ଏକ ସ୍ପଷ୍ଟ ଆଦେଶ ବିନା ସର୍ବାଧିକ ପର୍ଯ୍ୟବେକ୍ଷଣ ଅବଧି ସମାପ୍ତ

କରିବା ପରେ ସେହି ପଦବୀରେ ରହିବାକୁ ଅନୁମତି ଦିଆଯାଇଛି, ଇଙ୍ଗିତରେ ତାଙ୍କୁ ପଦବୀରେ ସୁନିଶ୍ଚିତ ବୋଲି ବିବେଚନା କରାଯିବା ଆବଶ୍ୟକ । ଏହା ଗୁରୁତ୍ୱପୂର୍ଣ୍ଣ ଯେ ନିଶ୍ଚିତକରଣର ଏକ ସ୍ପଷ୍ଟ ଆଦେଶ ବିନା ସର୍ବାଧିକ ପର୍ଯ୍ୟବେକ୍ଷଣ ଅବଧି ସମାପ୍ତ ହେବା ପରେ ମଧ୍ୟ କର୍ମଚାରୀଙ୍କୁ ପଦବୀରେ ରହିବାକୁ ଅନୁମତି ଦେବାର ପ୍ରଭାବ ଏକମାତ୍ର ଯୁକ୍ତିଯୁକ୍ତ ଅନୁମାନରେ ପରିଣତ ହୁଏ ଯେ ସେ ପଦବୀରେ ଇଙ୍ଗିତରେ ନିଶ୍ଚିତ ହୋଇଛନ୍ତି । ଅନ୍ୟ ଶବ୍ଦରେ, ଏପରି ଅନୁମାନ କରିବା ପାଇଁ, ଏହା ଆବଶ୍ୟକ ଯେ ନିଯୁକ୍ତିଦାତା ସର୍ବାଧିକ ପର୍ଯ୍ୟବେକ୍ଷଣ ଅବଧି ସମାପ୍ତ ହେବା ପରେ ମଧ୍ୟ କର୍ମଚାରୀଙ୍କୁ ପଦବୀରେ ରହିବାକୁ ଅନୁମତି ଦେବା ଉଚିତ୍ ଯାହା କେବଳ ପଦବୀରେ ତାଙ୍କର ନିଶ୍ଚିତକରଣ ତଥ୍ୟ ସହିତ ସୁସଂଗତ । ଏହି ଅନୁମାନ ନିଯୁକ୍ତିଦାତାଙ୍କ ଆଚରଣରୁ ନିଆଯାଏ ଯାହା କେବଳ ନିଶ୍ଚିତକରଣ କର୍ମଚାରୀଙ୍କ ତଥ୍ୟ ସହିତ ଅନୁରୂପ । ସଂକ୍ଷେପରେ, ଏହା ମାମଲାର ତଥ୍ୟ ଉପରେ ଲାଗୁ ହୋଇଥିବା ପ୍ରମାଣର ଏକ ନିୟମ କାରଣ ପର୍ଯ୍ୟବେକ୍ଷଣର ସର୍ବାଧିକ ଅବଧି ପରେ ନିଯୁକ୍ତିରେ ଜାରି ରଖିବା କେବଳ ନିଶ୍ଚିତକରଣ ସହିତ ଅନୁରୂପ, ଏବଂ ଏହା ନିଯୁକ୍ତିଦାତାଙ୍କ ଆଚରଣକୁ ଅନୁସରଣ କରେ ଯାହା କର୍ମଚାରୀଙ୍କୁ ସେହି ପଦବୀରେ କାର୍ଯ୍ୟ ଜାରି ରଖିବାକୁ ଅନୁମତି ଦେଇଥାଏ ।

ଏହା ସ୍ପଷ୍ଟ ଯେ ଧରମ ସିଂହଙ୍କ ମାମଲାର *ନିର୍ଣ୍ଣୟର* କୌଣସି ପ୍ରୟୋଗ ହୋଇପାରିବ ନାହିଁ ଯେଉଁଠାରେ କର୍ମଚାରୀ ସର୍ବାଧିକ ପର୍ଯ୍ୟବେକ୍ଷଣ ଅବଧି ସମାପ୍ତ ହେବାର ବହୁ ପୂର୍ବରୁ ଏକ ତାରିଖ ଠାରୁ କର୍ତ୍ତବ୍ୟରୁ ଅନୁପସ୍ଥିତ ଥିଲେ ଏବଂ ତା 'ପରେ ମଧ୍ୟ ଦୀର୍ଘ ସମୟ ପାଇଁ ଅନୁପସ୍ଥିତ ରହିଥିଲେ । ଏପରି କ୍ଷେତ୍ରରେ ନିଯୁକ୍ତିଦାତାଙ୍କ ପାଇଁ କର୍ମଚାରୀ (ଉତ୍ତରଦାତା) ଙ୍କୁ ସର୍ବାଧିକ ପର୍ଯ୍ୟବେକ୍ଷଣ ଅବଧି ଶେଷ ହେବା ପରେ ପଦବୀରେ କାର୍ଯ୍ୟ ଜାରି ରଖିବାକୁ ଅନୁମତି ଦେବାର କୌଣସି ସୁଯୋଗ ନଥିଲା କାରଣ ସେ ଅନୁପସ୍ଥିତ ଥିଲେ ଏବଂ ପର୍ଯ୍ୟବେକ୍ଷଣ ଅବଧି ଶେଷ ହେବା ସମୟରେ ପଦବୀରେ କାର୍ଯ୍ୟ କରୁନଥିଲେ । ନିୟମାବଳୀ ଦ୍ୱାରା ନିର୍ଦ୍ଧାରିତ ସର୍ବାଧିକ ପର୍ଯ୍ୟବେକ୍ଷଣ ଅବଧି ସମାପ୍ତ ହେବା ପରେ ଚାକିରିରେ ରହିବାକୁ ଅନୁମତି ଦେବାରେ ନିଯୁକ୍ତିଦାତାଙ୍କ ଆଚରଣରୁ ବିବେଚିତ ନିଶ୍ଚିତକରଣ ଫଳାଫଳ ଅନୁସରଣ ହୁଏ । ଯେତେବେଳେ ନିଯୁକ୍ତିଦାତାଙ୍କର ଏପରି କୌଣସି ଆଚରଣ ନଥାଏ, ସେତେବେଳେ *ଧରମ୍ ସିଂହଙ୍କ ମାମଲା* ଉପରେ ନିର୍ଭରଶୀଳତା ଏବଂ ନିଶ୍ଚିତତାର ତର୍କର ମୂଳଦୁଆ ବିଦ୍ୟମାନ ନଥାଏ । ଆମ ମତରେ , କେବଳ ଏହି ଆଲୋଚନା ହିଁ ଏହା ସୂଚିତ କରିବା ପାଇଁ ଯଥେଷ୍ଟ ଯେ ଉଚ୍ଚ ନ୍ୟାୟାଳୟ ଉତ୍ତରଦାତା ଙ୍କୁ ଆଶ୍ୱସ୍ତି ପ୍ରଦାନ କରିବା

ପାଇଁ *ଧରମ ସିଂହଙ୍କ ମାମଲାକୁ* ତ୍ରୁଟିପୂର୍ଣ୍ଣ ଭାବରେ ପଠନ କରିଛନ୍ତି । ତଥାପି, ଆଇନରେ ଏହା ସଠିକ୍ ସ୍ଥିତି ବୋଲି ସୂଚିତ କରିବା ପାଇଁ ଆମେ ପରବର୍ତ୍ତୀ କିଛି ନିର୍ଣ୍ଣୟଗୁଡିକୁ ମଧ୍ୟ ଉଲ୍ଲେଖ କରିପାରିବା ।

*କେଦାର ନାଥ ବେହେଲ ବନାମ ପଞ୍ଜାବ ରାଜ୍ୟ, [1974] SCC* 21 ମାମଲାରେ, ନିୟମାବଳୀରେ ପର୍ଯ୍ୟବେକ୍ଷଣର ସର୍ବାଧିକ ଅବଧି ନଥିଲା ଏବଂ ତେଣୁ, ଏହା ନିର୍ଣ୍ଣୟ ନିଆଗଲାଯେ ସେଠାରେ କୌଣସି ଆପେ ଆପେ ନିଶ୍ଚିତକରଣ ହୋଇପାରିବ ନାହିଁ । *ସମଶେର ସିଂହ ବନାମ ପଞ୍ଜାବ ରାଜ୍ୟ ଏବଂ ଅନ୍ୟଜଣେ* [1974] 2 SCC 831 ପୃଷ୍ଠା 853, ମାମଲାରେ ଏକ ସାତ ଜଣିଆ ଖଣ୍ଡପୀଠ ନିର୍ଣ୍ଣୟ ନେଲେ ଯେ ପର୍ଯ୍ୟବେକ୍ଷଣ ନିମିତ୍ତ ସର୍ବାଧିକ ସମୟ ପାଇଁ ହୋଇଥିବା ବ୍ୟବସ୍ଥା ନିର୍ଦ୍ଦେଶାତ୍ମକ ଥିଲା ଏବଂ ବାଧ୍ୟତାମୂଳକ ନଥିଲା ଏବଂ ଧରମ ସିଂହଙ୍କ ମାମଲାର ନିର୍ଣ୍ଣୟ ନିମ୍ନମତେ ବ୍ୟାଖ୍ୟା କରାଗଲା ।

" ଧରମ ସିଂହଙ୍କ ମାମଲାରେ ତାଙ୍କୁ ନିଶ୍ଚିତକରଣ ଆଦେଶ ବିନା କାର୍ଯ୍ୟ ଜାରି ରଖିବାକୁ ଅନୁମତି ଦିଆଗଲା ଏବଂ ତେଣୁ ସେବା ନିୟମର ବିପରୀତ କିଛି ଅନୁପସ୍ଥିତିରେ ଏକମାତ୍ର ସମ୍ଭାବ୍ୟ ମତ ଥିଲା ଯେ ଆବଶ୍ୟକ ଇଙ୍ଗିତ ଦ୍ୱାରା ତାଙ୍କୁ ନିଶ୍ଚିତ ଭାବରେ ବିବେଚନା କରାଯିବା ଆବଶ୍ୟକ ।

ତେଣୁ ଏଥିରେ କୌଣସି ସନ୍ଦେହ ନାହିଁ ଯେ ନିଯୁକ୍ତିଦାତାଙ୍କ ଆଚରଣରୁ ଅନୁମାନ କରାଯାଉଥିବା ବିବେଚିତ ନିଶ୍ଚିତକରଣ କେବଳ ସେତେବେଳେ ଗ୍ରହଣୀୟ ଯେତେବେଳେ ଏହା ନିଯୁକ୍ତିଦାତାଙ୍କ ସକରାତ୍ମକ ଆଚରଣରୁ ଅନୁସରଣ ହୁଏ, ଯାହା କର୍ମଚାରୀଙ୍କୁ ସେବା ନିୟମ ଅନୁଯାୟୀ ଅନୁମୋଦିତ ସର୍ବାଧିକ ପର୍ଯ୍ୟବେକ୍ଷଣ ଅବଧି ସମାପ୍ତ ହେବା ପରେ ମଧ୍ୟ ପଦବୀରେ ଜାରି ରଖିବାକୁ ଅନୁମତି ଦେଇଥାଏ ଯେହେତୁ ଏପରି ପରିସ୍ଥିତିରେ ସେହି ଅବଧି ପରେ କର୍ମଚାରୀଙ୍କ ଠାରୁ କାର୍ଯ୍ୟ ଜାରି ରଖିବା ପାଇଁ ନିଯୁକ୍ତିଦାତାଙ୍କ ଆଚରଣରୁ ଅନ୍ୟ କୌଣସି ଅନୁମାନ ସମ୍ଭବ ନୁହେଁ ।

*ମହାନଗର ନିଗମ , ରାୟପୁର ବନାମ ଅଶୋକ କୁମାର ମିଶ୍ର,* [1991] 3 SCC 325 *ରେ* ଦୁଇ ଜଣିଆ ଖଣ୍ଡପୀଠଙ୍କ ନିର୍ଣ୍ଣୟ ପ୍ରାଧାନ୍ୟ ଯୋଗ୍ୟ ଅଟେ । ସେହି କ୍ଷେତ୍ରରେ, ନିୟମ 8 ଖଣ୍ଡ (2)ର ଟିପ୍ପଣୀ ଅନୁଯାୟୀ ପର୍ଯ୍ୟବେକ୍ଷଣ ଅବଧିର ସମ୍ପ୍ରସାରଣ କିମ୍ବା ନିଶ୍ଚିତକରଣ କିମ୍ବା ସେବାରୁ ନିବୃତ୍ତ ବ୍ୟତୀତ, ସେବାରେ ରହିବାକୁ ଅନୁମତି ରହିଛି ।

*ଜୟ କିଶନ ବନାମ ପୋଲିସ ଆୟୁକ୍ତ ଏବଂ ଅନ୍ୟଜଣେ,* [1995] SUPP 3 SCC 364 *ଏବଂ ପଞ୍ଜାବ ରାଜ୍ୟ ବନାମ ବଲଦେବ ସିଂହ ଖୋସଲା,* [1996] 9 SCC 190 ବିଷୟରେ କୌଣସି ପୃଥକ ଆଲୋଚନା ଦରକାର ନାହିଁ । ଉପରେ ଦର୍ଶାଯାଇଥିବା ଭଳି *ଧରମ ସିଂହ ଏବଂ ସମଶେର ସିଂହଙ୍କ ମାମଲାରେ* ଏହି ନ୍ୟାୟାଳୟଙ୍କର ସାମ୍ବିଧାନିକ ବିଚାରପୀଠଙ୍କର ନିର୍ଦ୍ଧାରିତ ନିର୍ଣ୍ଣୟରେ ସ୍ପଷ୍ଟ ଆଇନକୁ ଦୃଷ୍ଟିରେ ରଖି, ସେହି ନିଷ୍ପତ୍ତିକୁ ସାମ୍ବିଧାନିକ ବିଚାରପୀଠ ଦ୍ୱାରା ନିର୍ଦ୍ଧାରିତ ପ୍ରସ୍ତାବ ସହିତ ସୁସଂଗତ ଭାବରେ କର୍ତ୍ତୃପକ୍ଷଙ୍କ ଭଳି ବିବେଚନା କରାଯାଇପାରିବ ନାହିଁ । ଏହା ଉଲ୍ଲେଖ କରାଯିବା ଉଚିତ ଯେ ଉତ୍ତରଦାତାଙ୍କ ବିଦ୍ୱାନ ଓକିଲ ଶ୍ରୀ କେ. କେ. ଭେନୁଗୋପାଳ ଏହି ନିର୍ଣ୍ଣୟଗୁଡ଼ିକ ମଧ୍ୟରୁ କୌଣସିଟି ଉପରେ ନିର୍ଭର କରିବାକୁ କୌଣସି ପ୍ରୟାସ କରିନଥିଲେ ଏବଂ ସେ ଉତ୍ତରଦାତାଙ୍କ ମାମଲାକୁ *ଧରମ ସିଂହଙ୍କ ମାମଲାରେ* ସାମ୍ବିଧାନିକ ବିଚାରପୀଠକୁ ନିର୍ଣ୍ଣୟ ପଠନ କରିବା ପର୍ଯ୍ୟନ୍ତ ସୀମିତ ରଖିଥିଲେ । ଯେପରି ଆମେ ପୂର୍ବରୁ ସୂଚାଇ ଦେଇଛୁ ଯେ *ଧରମ ସିଂହଙ୍କ ମାମଲା* ଉତ୍ତରଦାତାଙ୍କ ଯୁକ୍ତିକୁ ସମର୍ଥନ କରନ୍ତି ନାହିଁ ।

ଫଳସ୍ୱରୂପ ଏହି ଆବେଦନକୁ ଅନୁମତି ଦିଆଯାଏ ଏବଂ ଉଚ୍ଚ ନ୍ୟାୟାଳୟଙ୍କର ଆକ୍ଷେପିତ ରାୟକୁ ରଦ୍ଦ କରିଦିଆଯାଏ ।

ବି . କେ . ଏସ ଆବେଦନକୁ ଅନୁମତି ଦିଆଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

ଭାଷାନ୍ତର :

ତୁଷାର କାନ୍ତ ଗୋଛି,

ଅନୁବାଦକ,

ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।